# Akashvani, Sambalpur

# SAMBALPURI NEWS BULLETIN

## 12 July 2025- 6.47- 6.52 am.

*****************************************************

ରୋଜ୍‌ଗାର୍ ମେଳା       ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଭିନ୍ ଭିନ୍ ମନ୍ତ୍ରଣାଳୟ ଆଉ ବିଭାଗ୍ ନ ନୂଆଁକରି ନିଯୁକ୍ତି ପାଇଥିବା ୫୧ ହଜାର୍‌ନୁ ଅଏତ୍‌କା ପ୍ରାର୍ଥୀମାନ୍‌କୁ ଆଭାସୀ ଜରିଏ ନିଯୁକ୍ତିପତ୍ର ବାଂଟ୍‌ବେ । ଇଟା ସର୍‌କାର୍‌ଙ୍କର୍ ୧୬ ନମ୍ବର୍ ରୋଜ୍‌ଗାର୍ ମେଲା ହେବା । ଇ ଅବ୍‌ସରେ ଦେଶର୍ ୪୭ ଟା ଜାଗା ନ ରୋଜ୍‌ଗାର୍ ମେଳା ମାନ୍ ଆୟୋଜନ୍ କରାଯିବା । ସୂଚ୍‌ନା ଅନ୍‌ସାରେ ଏବ୍‌ତକ୍ ସାରା ଦେଶେ ରୋଜ୍‌ଗାର୍ ମେଳା ଜରିଏ ସର୍‌କାର୍‌ଙ୍କର୍ ତର୍‌ଫୁ ୧୦ ଲାଖ୍‌ନୁ ଅଏତ୍‌କା ନିଯୁକ୍ତି ପତ୍ର ବଂଟାଯାଇଛେ ।

ସେଆଡ଼େ ଭୁବ୍‌ନେଶ୍ୱର୍ ରେଲ୍ ଅଡିଟୋରିୟମ୍ ଠାନେ ହେବାର୍‌କେ ଥିବା ରୋଜ୍‌ଗାର୍ ମେଳାଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍ ଦେଇକରି ନିଯୁକ୍ତି ପତ୍ର ବାଂଟ୍‌ବେ ।

ମୁଖ୍ୟମନ୍ତ୍ରୀ- ପ୍ରତିରକ୍ଷା ମନ୍ତ୍ରୀ       ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ନୂଆଦିଲ୍ଲୀଠାନେ ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂଙ୍କୁ ଭେଟିକରି ରାଜ୍ୟର୍ ବିକାଶ୍ ବାବ୍‌ଦେ ଆଲୋଚନା କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ତିଆର୍ ହେଇଥିବା ଓଡ଼ିଶା ଭିଜନ୍ ଡକ୍ୟୁମେଂଟ୍ ୨୦୩୬ ଆଉ ୨୦୪୭ ବହିକେ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ- ଅଭିଯୋଗ୍ ଶୁଣାଣି I&PR

ଆଏବା ୧୪ ତାରିଖ୍ ସୋମ୍‌ବାର୍ ଦିନ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଘରୋଇ ବସ୍ ଚଲାଚଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଡ୍ରାଇଭର୍ ମହାସଂଘର୍ ଆନ୍ଦୋଲନ୍ ଲାଗି ଗଲା ମଙ୍ଗଲ୍‌ବାର୍ ଦିନ୍ ଠାନୁ ରାଏଜେ ବନ୍ଦ୍ ରହିଥିବା ଘରୋଇ ବସ୍ ଚଲାଚଲ୍ ଆଏଜ୍‌ଠାନୁ

ଫେର୍ ମୁଲ୍ କର୍ବାର୍କେ ରାଜ୍ୟ ଘରୋଇ ବସ୍ ମାଲିକ୍ ସଂଘ ନିଷ୍ପତି ନେଇଛେ । ଗଲାକାଏଲ୍ ପୁରୀ ବସ୍ଷ୍ଟେଣ୍ଡ୍ ନ ଥିବା ସଂଘର୍ କାର୍ଯ୍ୟାଲୟ ଠାନେ ଇ ବାବ୍ଦେ ବସ୍ ଡ୍ରାଇଭର୍ମାନ୍କର୍ ସାଙ୍ଗେ ଆଲୋଚନା ହେଇଥିଲା । ଆଲୋଚନା ବେଲ୍କେ ଯାତ୍ରୀମାନ୍କର୍ ସ୍ୱାର୍ଥକେ ନଜର୍ଥି ରଖିକରି ରାଏଜେ ବସ୍ ଚଲାଚଲ୍ କର୍ବାର୍କେ ନିଷ୍ପତି ନିଆଯାଇଛେ ବଲି ସଂଘର୍ ସଭାପତି ଲୋକନାଥ ପାଢ଼ୀ କହିଛନ୍ ।
ସେଆଡ଼େ ଲିଖିତ୍ ପ୍ରତିଶ୍ରୁତି ନାଇଁ ମିଲ୍ବାର୍ତକ୍ ଆନ୍ଦୋଲନ୍ନୁ ନାଇଁ ହଟୁ ବଲି ଡ୍ରାଇଭର୍ ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି କହିଛନ୍ ।

## ଅକ୍ଷୟଶକ୍ତି, ସୂର୍ଯ୍ୟଘର ଯୋଜ୍ନା ସମୀକ୍ଷା I&PR

କେନ୍ଦ୍ର ଅକ୍ଷୟଶକ୍ତି ମନ୍ତ୍ରଣାଲୟ ସଚିବ ସନ୍ତୋଷ୍ ଷଡ଼ଙ୍ଗୀ ଗଲାକାଏଲ୍ ଭୁବ୍ନେଶ୍ୱର୍ ଠାନେ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଆଉ ଅଲ୍ଗା ଅଧିକାରୀମାନ୍କର୍ ସାଙ୍ଗେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ଥି ଭିନ୍ ଭିନ୍ ବିଷେ ଉପ୍ରେ ଆଲୋଚନା କରିଛନ୍ । ବୈଠକ୍ଥି କେନ୍ଦ୍ର ସର୍କାର୍ଙ୍କର୍ ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନ୍ ଆଉ ପି.ଏମ୍. ସୂର୍ଯ୍ୟଘର ମୁଫତ୍ ବିଜ୍ଲି ଯୋଜ୍ନାର୍ ଅଗ୍ରଗତିର୍ ସମୀକ୍ଷା କରାଯାଇଛେ । ଇ ଅବ୍ସରେ ଶ୍ରୀ ଷଡ଼ଙ୍ଗୀ ଭାରତ୍ର ସବୁଜ ହାଇଡ୍ରୋଜେସନ୍ କ୍ଷେତ୍ରକେ ବର୍କସ୍

କର୍‌ବାର୍ ଲାଗି ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାର୍ ଥିତିଥି ରହିଛେ ବଲି କହିଛନ୍ ।

ୱାର୍ଲ୍ଡ ଆଥ୍‌ଲେଟିକ୍ କଂଟିନେଂଟାଲ୍ ଟୁର୍ ପ୍ରତିଯୋଗିତା    I&PR

ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ଠାନେ ଆଏବା ମାସ ୧୦ ତାରିଖ୍‌ନୁ ୱାର୍ଲ୍ଡ ଆଥ୍‌ଲେଟିକ୍ କଂଟିନେଂଟାଲ୍ ଟୁର୍ ପ୍ରତିଯୋଗିତା ଆୟୋଜନ୍ କରାଯିବା । ଇଥି ୧୦ ନୁ ଅଏତ୍‌କା ଦେଶର୍ ଶହେ ୫୦ ନୁ ଅଏତ୍‌କା ପ୍ରତିଯୋଗୀ ଭାଗ୍ ନେବେ । ଓଡ଼ିଶାନୁ ବିଶ୍ୱସ୍ତରର୍ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ୍ କରାଯିବାର୍‌ଟା ରାଜ୍ୟର୍ ଲାଗି ଗୌରବର୍ ବିଷୟ ଆଏ ବଲି ଗଲାକାଏଲ୍ ସାମ୍ବାଦିକ୍ ସମ୍ମିଳନୀଥି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ ।
(ଭଏସ୍ ଓଭର୍- ସୂର୍ଯ୍ୟବଂଶୀ ସୂରଜ୍)

ନୂଆଁ ଟ୍ରାନ୍ସଫର୍ମର୍                ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ବରେଇପାଲି ପିଇବାର୍ ପାଏନ୍ ବିଶୋଧନାଗାର୍ ଠାନେ ଗଲାକାଏଲ୍ ନୂଆଁ ଟ୍ରାନ୍ସଫର୍ମର୍ ବସାଯାଇଛେ । ହପ୍ତେ ହେଲା ଟ୍ରାନ୍ସଫର୍ମର୍ ପୁଡ଼ି ଯାଇଥିବାର୍‌ନୁ ସହର୍‌କେ ଜଲଯୋଗାଣ ବାଧା

ହେଇଥିଲା । ଗଲାକାଏଲ୍ ଟ୍ରାନ୍ସଫର୍ମର୍ ବସ୍‌ଲା ଉତ୍‌ରୁ ଥିତି ସାମାଏନ୍ ସୁଧିରିଛେ । ଆଉ ୨/୪ ଦିନ୍ ଭିତ୍‌ରେ ଥିତି ସ୍ୱାଭାବିକ୍ ହେବା ବଲି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବିଶ୍ୱ ଜନସଂଖ୍ୟା ଦିବସ୍                ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ମୁଖ୍ୟ ଡାକ୍ତର୍‌ଖାନା ଠାନେ ବିଶ୍ୱ ଜନସଂଖ୍ୟା ଦିବସ୍ ପାଲିତ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ସୁବାସ ଚନ୍ଦ୍ର ରଇତ ଯୋଗ୍ ଦେଇକରି ଗୁଟେ ସଚେତନତା ଶୋଭାଯାତ୍ରାକେ ଶୁଭାରମ୍ଭ କରିଥିଲେ । ଜିଲ୍ଲାର୍ ନର୍ସିଂ କଲେଜ୍ ମାନ୍‌କର୍ ଛାତ୍ରଛାତ୍ରୀମାନ୍‌କୁ ନେଇକରି ବାହାରିଥିବା ଇ ଶୋଭାଯାତ୍ରା ସହରର୍ ଭିନ୍ ଭିନ୍ ଜାଗା ନ ବୁଲିକରି ବଢୁଥିବାର୍ ଜନସଂଖ୍ୟା ସମସ୍ୟା ବାବ୍‌ଦେ ଲୁକ୍‌କୁ ସଚେତନ୍ କରିଥିଲା ।

ସ୍ୱତନ୍ତ୍ର ଓଟିଇଟି        କଟକ୍ ସମ୍ବାଦଦାତା

ଶିକ୍ଷକ୍, ଶିକ୍ଷୟିତ୍ରୀମାନ୍‌କର୍ ଲାଗି ଆଏବା ୨୦ ତାରିଖ୍ ହେବାର୍‌କେ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଲାଗି ଆଏଜ୍ ଦିନର୍ ୧୦ ବଜେନୁ ଏଡ୍‌ମିଟ୍ କାର୍ଡ୍ ମିଲିପାର୍‌ବା । ପରୀକ୍ଷାର୍ଥୀମାନେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍‌ର ୱେବ୍‌ସାଇଟ୍ www.bseodisha.ac.in ଥି

ଏଡ୍‌ମିଟ୍‌କାର୍ଡ଼ ପାଇପାର୍‌ବେ । ଇ ପରୀକ୍ଷା ରାଜ୍ୟର୍ ଶହେ ୯୩ ଟା କେନ୍ଦ୍ର ନ ହେବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ବନିଥିବା ଲଘୁଚାପ୍ ବଲେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଉତର୍ ପର୍ଶ୍ଚିମ ବଙ୍ଗୋପ୍‌ସାଗର୍ ନ ଆଉ ଗୁଟେ ଲଘୁଚାପ୍ ବନ୍‌ବାର୍ ସମ୍ଭାବନା ଦେଖାଦେଇଛେ । ଇତାର୍ ବଲେ ଆଏବାକାଏଲ୍‌ଠାନୁ ରାଏଜେ ବର୍ଷା ବଢ଼ିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ୍, ନୂଆପଡ଼ା ସହେତେ ୧୩ ଟା ଜିଲ୍ଲା ନ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍ ସମ୍ବଲପୁର ସମ୍ବାଦଦାତା

ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ଗଲାକାଏଲ୍ ୨ ଟା ଗେଟ୍ ବନ୍ଦ୍ କରାଯିବାର୍ ଉତ୍‌ରୁ ଆଏଜ୍ ୧୪ ଟା ଗେଟ୍ ଦେଇକରି ବଏଢ୍ ପାଏନ୍ ଛଡ଼ାଯାଉଛେ । ହୀରାକୁଦ୍ ଡେମ୍ କର୍ତୃପକ୍ଷଙ୍କର୍ ସୂଚ୍‌ନା ଅନ୍‌ସାରେ ଆଏଜ୍ ସଖାଲର୍ ୬

ବଜେତକ୍ ଜଲ୍ଭଣ୍ଡାରକେ ଫି' ସେକେଣ୍ଡ୍ଥି ୩ ଲାଖ୍ ୪ ହଜାର୍ ୫ ଶହ ୫୩ ଘନଫୁଟ୍ ପାଏନ୍ ଆସୁଥିବାର୍ ବେଲେ ୨ ଲାଖ୍ ୩୯ ହଜାର୍ ୯ ଶହ ୭ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ । ଇ ସମିଆଥି ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ୬ ଶହ ୬ ଦଶ୍ମିକ୍ ୧/ଶୂନ୍ ଫୁଟ୍ ରହିଛେ ।